# ବଦଳି ନିୟମକୁ ଶିକ୍ଷା ବିଭାଗର ବେଖାତିର

ରାୟଗଡ଼ା,୨୧।୧୨(ଆଶିଷ ରଞ୍ଜନ ପଣ୍ଡା)

**ଜିଲାରେ ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା**

- ଗୋଟିଏ ସ୍କୁଲରେ ଶିକ୍ଷକଙ୍କ ୧୮ ବର୍ଷରୁ ଅଧିକ
- ଗୁଣାତ୍ମକ ଶିକ୍ଷା ବଦଳରେ ବ୍ୟବସାୟରେ ମାତିଛନ୍ତି ଶିକ୍ଷକ

ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କରୁଥିଲେ ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ବିଶେଷ ଅବ୍ୟବସ୍ଥା ଲାଗି ରହିଛି । ଜଣେ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ଅଧିକ ସମୟ ରହିପାରିବ ନାହିଁ ନିୟମ ଥିଲେ ମଧ୍ୟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସରକାରଙ୍କ ବଦଳି ନୀତି କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଗୋଟିଏ ସ୍କୁଲରେ ୧୮ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଶିକ୍ଷକ ରହି ମନମୁଖି ଶାସନ ଚଳାଉଛନ୍ତି । ପିଲାଙ୍କୁ ପାଠ ପଢ଼ାଇବା ବଦଳରେ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ଏପରିକି କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ବଡ଼ ଅଭିଯୋଗ ଆସିଲେ ମଧ୍ୟ ଜିଲା ଶିକ୍ଷା ବିଭାଗ ନିକଟସ୍ଥ ଅନ୍ୟ ଏକ ସ୍କୁଲକୁ ଡେପୁଟେଶନ କିମ୍ବା ବଦଳି କରିଦେଇ ଚୁପ୍ ବସି ପଡ଼ୁଛି। ଏ ନେଇ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୩୫୪୬୧୮ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେଧ। ତେଣୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ବଦଳି ପାଇଁ ନିର୍ଦ୍ଦେଶ ଆସିଲେ ବଦଳି କରାଯାଉଛି। ପୂର୍ବରୁ ଏ ନେଇ କୌଣସି ନିର୍ଦ୍ଦେଶ ଆସି ନ ଥିଲା । ବର୍ତ୍ତମାନ ବଦଳି ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅନ୍‌ଲାଇନ ଆବେଦନ କରିଛନ୍ତି, ଯାହାର ସମୟ ସୀମା ୧୫ତାରିଖ ପର୍ଯ୍ୟନ୍ତ ରହିଥିଲା। ତେଣୁ ଏହା ପ୍ରୋସେସ୍‌ରେ ରହିଥିବା ଭଜନଲାଲ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୮ ବର୍ଷ ହେବ ଜିଲାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ହୋଇନାହିଁ। ଶେଷଥର ପାଇଁ ୨୦୦୬ରେ ବଦଳି ହୋଇଥିଲା। ୨୦୧୬ରେ ତତ୍କାଳୀନ ଜିଲାପାଳ କେବଳ ରାସନାଲାଇଜ କରିଥିଲେ। ଏହାପରେ ଆଉ ବଦଳି ହୋଇନାହିଁ। ସରକାର ଏବେ ବଦଳି ପାଇଁ ଅନ୍‌ଲାଇନ ଆବେଦନ ନିମନ୍ତେ ପୋର୍ଟାଲ ଖୋଲିଥିଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ। ଯଦି କେହି ବଦଳି ହେବାକୁ ଚାହିଁବ ସେ ଆବେଦନ କରିପାରିବେ ବୋଲି ଉଲ୍ଲେଖ ରହିଛି। ଅନ୍ୟପଟେ କୋଲନରା ଓ ରାୟଗଡ଼ା ବ୍ଲକର ବିଭିନ୍ନ ସ୍କୁଲରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ୧୮ ବର୍ଷ ହେଲାଣି ବଦଳି ନ ହୋଇ ଗୋଟିଏ ସ୍ଥାନରେ ରହି ମନମୁଖି କାର୍ଯ୍ୟକଳାପ ଚଳାଇଛନ୍ତି । କୋଲନରା ବ୍ଲକ ଥେରୁବାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁକୁନ୍ଦପୁର, ଲେଲିବାଡ଼ି, ପାଣିଛତ୍ର, ଡି. ସିକାବାଡି, ଟିଭିଲକଣା, ଲକ୍ଷ୍ମୀପୁର, କେଉଟଗୁଡା, ଜାରପା, କାର୍ତ୍ତିକଗୁଡା, କଲଟିଗୁଡ଼ା, ଭୋଇମଡା, ରେଖାପଦର, ବିନିସପୁର, ରାମପୁର, ପ୍ରାଥମିକ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ କିଛି ଜଣ ୨୦୦୬ରୁ ବଦଳି ହୋଇନାହାନ୍ତି । ଏଭଳିକି କିଛି ଶିକ୍ଷକ ଶିକ୍ଷୟିତ୍ରୀ ବ୍ଲକର ଦୁର୍ଗମ ଅଞ୍ଚଳକୁ ବଦଳି ହୋଇଥିଲେ ମଧ୍ୟ ସେମାନେ ନିୟମିତ ସ୍କୁଲ ଯାଉନାହାନ୍ତି । ଏ ନେଇ ଅଭିଯୋଗ ହେଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଏଭଳିକି କେଉଟଗୁଡ଼ା ବିଦ୍ୟାଳୟର ୩ ଜଣ ଶିକ୍ଷକ ଗତ ୨୦୦୪ରେ ସେଠାରେ ନିଯୁକ୍ତି ପାଇ ୨୦ ବର୍ଷ ହେବ ସେହି ଗୋଟିଏ ବିଦ୍ୟାଳୟରେ ରହିଛନ୍ତି। ସେହିଭଳି ରାୟଗଡା ବ୍ଲକ ଅନ୍ତର୍ଗତ ପେଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଲିଗୁଡା, ଉତକାପାଡୁ, ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିପଲଗୁଡା, କାରୁବାଇ, ଅମଳାଭଟ୍ଟା, ଗୁମ୍ମା, ହାଲୁଆ, ଜେକେପୁରସ୍ଥିତ ସିଂଘାଣିଆ ବିଦ୍ୟାଳୟ, ଡାଙ୍ଗଲୋଡି, କୁଲି ପ୍ରାଥମିକ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ କେତେଜଣ ୨୦୦୬ ପରଠାରୁ ଆଉ କୁଆଡେ ଯାଇନାହାଁନ୍ତି। ଶିକ୍ଷକତା ଚାକିରି ପାଇ ସେହି ଅଞ୍ଚଳରେ ଅନ୍ୟ ବ୍ୟବସାୟରେ ବ୍ୟସ୍ତ ରହୁଥିବା ଜଣାପଡିଛି। କିଛି ସ୍ଥାନରେ ବିଦ୍ୟାଳୟକୁ ଲାଗି ଦୋକାନ କରି ବ୍ୟବସାୟ କରୁଥିବା ଅଭିଯୋଗ ରହିଛି। ତେବେ ଶିକ୍ଷା ବିଭାଗରେ ଏଭଳି ଅବ୍ୟବସ୍ଥା କାରଣରୁ ଏହାର ପ୍ରଭାବ ପିଲାଙ୍କ ପାଠପଢ଼ା ଉପରେ ପଡୁଛି । ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବଦଳି ନିୟମକୁ କଡ଼ାକଡ଼ି ଭାବେ ପାଳନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି କଲେ ଶିକ୍ଷାର ଗୁଣାତ୍ମକମାନରେ ବୃଦ୍ଧି ଘଟିବ ବୋଲି ଶିକ୍ଷାବିତ୍‌ମାନେ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଆଜି ରାୟଗଡ଼ା ଗସ୍ତରେ ଆସିବେ ରାଜ୍ୟପାଳ

ରାୟଗଡ଼ା,୨୧।୧୨(ଆଶିଷ ରଞ୍ଜନ ପଣ୍ଡା)

ମାଲକାନଗିରି ଓ କୋରାପୁଟ ଜିଲା ଗସ୍ତ ପରେ ଶୁକ୍ରବାର ରାୟଗଡ଼ା ଆସୁଛନ୍ତି ରାଜ୍ୟପାଳ ରଘୁବର ଦାସ । ଶୁକ୍ରବାର ସକାଳ ୧୦ଟାରେ ସେ ରାୟଗଡ଼ା ବ୍ଲକର ଗୁମ୍ମାଠାରେ ୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହ ଆଲୋଚନା କରିବେ। ପରେ କଡ଼ାପାଡ଼ିଠାରେ ଅଙ୍ଗନୱାଡ଼ି କର୍ମଚାରୀ, ଅଭିଭାବକଙ୍କ ସହ ଆଲୋଚନା କରିବେ । ଏହାପରେ ହାଲୁଆ, ତାଡ଼ମା ପଞ୍ଚାୟତର ଚିନ୍ତଲଗୁଡ଼ାଠାରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ଆଲୋଚନା, ତାଡ଼ମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ପରିଦର୍ଶନ କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ସେହିଭଳି ମଧ୍ୟାହ୍ନ ପରେ ବାରିଖୋଲାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବା ପରେ ଜଗନ୍ନାଥ ମନ୍ଦିର ଓ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀ ମନ୍ଦିର ଦର୍ଶନ ପରେ ସର୍କିଟ ହାଉସରେ ରାତ୍ରିଯାପନ କରିବା ନେଇ ସୂଚନା ମିଳିଛି । ରାଜ୍ୟପାଳଙ୍କ ଏହି ଗସ୍ତରେ ତାଙ୍କ ରହଣି ପାଇଁ ସର୍କିଟ ହାଉସକୁ ମରାମତି କରିବା ସହ ସୁସଜ୍ଜିତ କରାଯାଇଛି । ଅତିରିକ୍ତ ଜିଲାପାଳ ଭାସ୍କର ରଇତ ରାଜ୍ୟପାଳଙ୍କ ଗସ୍ତସୂଚୀ ଆଧାରରେ ସମସ୍ତ ଅଞ୍ଚଳ ବୁଲି ସବୁ ବ୍ୟବସ୍ଥା କରିବା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି।

### ଡିପି ମାନ୍ୟତା ଦାବିରେ ଜିଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ

ରାୟଗଡ଼ା,୨୧।୧୨(ଆଶିଷ ରଞ୍ଜନ ପଣ୍ଡା)

କମ୍ପାନୀକୁ ନିଜ ଜମି ଦେଇ ଦୀର୍ଘ ୨୭ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ବିସ୍ଥାପିତ ମାନ୍ୟତା ମିଳୁନାହିଁ । ଦୀର୍ଘ ୨୭ ବର୍ଷ ଧରି ନିଜର ସମସ୍ୟା ନେଇ ଜିଲାପାଳଙ୍କଠାରୁ ଆରମ୍ଭକରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କାଶୀପୁର ବ୍ଲକ ଡିମୁଣ୍ଡି ଓ ଡି.କରଲ ବାସିନ୍ଦା ଅଭିଯୋଗ କରିଛନ୍ତି । ଏନେଇ ଦୀର୍ଘସମୟ ଧରି ଭୁବନେଶ୍ୱରଠାରେ ଧାରଣାରେ ବସିବା ପରେ ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ୨୧ ତାରିଖରେ ଜିଲାପାଳଙ୍କୁ ଭେଟିବାକୁ କହିଥିଲେ । ତେଣୁ ସେମାନଙ୍କୁ ଡିପି ମାନ୍ୟତା ସହ ସମସ୍ତ ସୁବିଧା ଶୀଘ୍ର ଦେବାକୁ ଅଞ୍ଚଳବାସୀ ଗୁରୁବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏନେଇ ଜିଲାପାଳଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୁନିଗୁଡ଼ା,୨୧।୧୨ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ବ୍ଲକ ଜାମୁରୁଗୁଡାରେ ଅବସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ ତଥା ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ତହସିଲଦାର ଏମ. ଅନୁରାଧା, ପାତ୍ରଗୁଡ଼ା ସି.ଆର.ସି.ସି ବେନିଆ ପଲକିଆ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଷମକଟକସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଶୈଳରାଜ ଏମ.ଜି ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀଯୁକ୍ତ ସମୀର କୁ. ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଆଞ୍ଚଳିକ ନୃତ୍ୟରେ ଝୁମିଲେ ଅତିଥି, ଦର୍ଶକ



ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ଚନ୍ଦ୍ରପୁର, ୨୧।୧୨ (ବିଜୟ ପ୍ରସାଦ ଉଲାକା)

**ଡାଙ୍ଗସୋରଡ଼ା ଏସ୍‌ଏସ୍‌ଡି ବିଦ୍ୟାଳୟର ୬୩ତମ ବାର୍ଷିକ ଉତ୍ସବ**

ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ସଦର ମହକୁମାରେ ଥିବା ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟର ୬୩ ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଜନଜାତି ଓ ଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ଓଡ଼ିଶା ପଛୁଆବର୍ଗ ସେଲ୍‌ର ଉପଦେଷ୍ଟା, ପୃଥ୍ୱୀରାଜ ସାହୁ, ବ୍ଲକ ଅଧ୍ୟକ୍ଷ କୈନ କିମାକା, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡକା, ସ୍କୁଲ ସଭାପତି ଧନୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟବକ୍ତା ଜିଲା ଶିକ୍ଷାଧୀଶ ଶ୍ୟାମଘନ ଭୂୟାଁ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟରେ ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ସରକାରଙ୍କ ତରଫରୁ ରହିଥିବା ସୁବିଧା, ସୁଯୋଗ, ଅନ୍ତେବାସୀଙ୍କ ପାଇଁ ରହିଥିବା ସୁବିଧା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍କୁଲ ସମ୍ମୁଖରେ ଥିବା ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି, ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଆଦିବାସୀ ନୃତ୍ୟ ସହ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ମଧ୍ୟ ମଞ୍ଚରେ ନାଚି ଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିଚାଳନା କରିଥିଲେ ।

# କଂସାରିଗୁଡ଼ାରେ 'ନୀରୋଗଶାଳା' ଉଦ୍‌ଘାଟିତ

ଟିକିରି,୨୧।୧୨(ପ୍ରଫୁଲ୍ଲ କୁମାର ବେହେରା)

ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜର ଏକ ଗ୍ରୀନ୍‌ଫିଲ୍ଡ ରିଫାଇନେରି ଆଦିତ୍ୟ ଆଲୁମିନା ପକ୍ଷରୁ ଗୁରୁବାର କଂସାରିଗୁଡ଼ା ଅଞ୍ଚଳରେ ଏକ ଗ୍ରାମ୍ୟ ସ୍ୱାସ୍ଥ୍ୟ ଦାତବ୍ୟ ଚିକିତ୍ସାଳୟ-ନୀରୋଗଶାଳା ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ଆଲୁମିନା ୟୁନିଟ୍ ହେଡ୍ ଓ ପ୍ରେସିଡେଣ୍ଟ ମଜହର ବେଗ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜନସାଧାରଣଙ୍କୁ ସେମାନଙ୍କ ଅଞ୍ଚଳରେ୨୪ ଘଣ୍ଟିଆ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ଏହାର ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ମଜହର କହିଥିଲେ। ନୀରୋଗଶାଳା ସହ ଏକ ଆମ୍ବୁଲାନ୍ସ ସଂଯୁକ୍ତ ହେବ ଏବଂ ଏହା ସ୍ଥାନୀୟ ଜନସାଧାରଣଙ୍କ ଜରୁରୀ ସ୍ୱାସ୍ଥ୍ୟଗତ ସମୟରେ ସେବା ଯୋଗାଇବାକୁ ଉତ୍ସର୍ଗୀକୃତ ରହିବ ବୋଲି ସେ କହିଛନ୍ତି। ଆଗକୁ ଆଦିତ୍ୟ ଆଲୁମିନା ଶିକ୍ଷା, ଜୀବିକା ଉପାର୍ଜନ, ଗ୍ରାମ୍ୟ ଭିତ୍ତିଭୂମି ଆଦି କ୍ଷେତ୍ରରେ ବହୁବିଧ ସିଏସ୍ଆର୍‌କୁ ପୃଷ୍ଠପୋଷକତାକରି ଜନସାଧାରଣଙ୍କ ସାମାଜିକ-ଅର୍ଥନୈତିକ ବିକାଶ ଦିଗରେ ଅବଦାନ ରଖିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଉତ୍କଳ ଆଲୁମିନା ୟୁନିଟ୍ ଅଧ୍ୟକ୍ଷ ଓ ଅନ୍ୟମାନେ ।

# ଓଡ଼ିଶା ଟିମ୍‌ରେ ଖେଳିବେ ରାୟଗଡ଼ାର ୪ ଖେଳାଳି



ଖେଳରେ ଭାଗନେବାକୁ ଦିଲ୍ଲୀ ଅଭିମୁଖେ ବାହାରିଥିବା ଖେଳାଳିମାନେ ।

ରାୟଗଡ଼ା,୨୧।୧୨(ଭାଗ୍ୟଶ୍ରୀ ମିଶ୍ର)

**ନ୍ୟାଶନାଲ ପ୍ରୋଡେଡ୍ ଲିଫ୍ଟ ଆଣ୍ଡ ବେଞ୍ଚ ପ୍ରେସ୍ ଚାମ୍ପିୟନଶିପ୍**

ଆଗାମୀ ୨୩ ଏବଂ ୨୪ ତାରିଖରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ନ୍ୟାସନାଲ ପ୍ରୋଡେଡ୍ ଲିଫ୍ଟ ଆଣ୍ଡ ବେଞ୍ଚ ପ୍ରେସ୍ ଚାମ୍ପିୟନଶିପରେ ଓଡିଶାର ୪ଟି ଜିଲାରୁ ୮ ଜଣ ଖେଳାଳି ଭାଗନେବାକୁ ଚୟନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ରାୟଗଡ଼ା ରୁ ୪ଜଣ, ନବରଙ୍ଗପୁର ୨ଜଣ, କୋରାପୁଟରୁ ଜଣେ ଏବଂ ବଲାଙ୍ଗୀର ଜିଲାରୁ ୩ ଜଣ ଖେଳାଳି ଭାଗନେଇଛନ୍ତି। ଖେଳାଳିଙ୍କ ସହ ୨ ଜଣ ଅଧିକାରୀ ଗୁରୁବାର ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ନ୍ୟାସନାଲ ସ୍ପୋର୍ଟସ ଫେଡେରେସନ ଓଡିଶାର ସମ୍ପାଦକ ତଥା ଅନ୍ତର୍ଜାତୀୟ ପାୱାର ଲିଫଟିଙ୍ଗ ସ୍ୱର୍ଣ୍ଣ ବିଜେତା ଦୋରା କଣ୍ଡାଗରୀ ଓଡିଶାର ଖେଳାଳି ବିଜେତା ହେବା ନେଇ ଲକ୍ଷ୍ୟ ରଖିଛନ୍ତି ।

### ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଗୁଣୁପୁର,୨୧।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଅନ୍ତର୍ଗତ ଡମ୍ବସରା ଜାତୀୟ ମହାବିଦ୍ୟାଳୟ (ଯୁକ୍ତ୨) ପରିସରରେ ଆୟୋଜିତ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥିତ ରହି ନୂଆ-ଓ କାର୍ଯ୍ୟକ୍ରମର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅଧ୍ୟକ୍ଷ ବିଦ୍ୟାଧର ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସନ୍ତୋଷ ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ରୂପେ ରାଜ୍ୟ ଯୁବ ବିଜୁ ଜନତା ଉପ ସଭାପତି ବିଷ୍ଣୁ ପଣ୍ଡା ଯୋଗଦେଇ ବ୍ୟକ୍ତିତ୍ୱ ବିକାଶ ପାଇଁ ଯୁବକଙ୍କ ସାମାଜିକ ସେବା ମନୋବୃତ୍ତି ରହିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଅଧ୍ୟାପକ ଶେଷଶାୟୀ ସେନାପତି ଅତିଥିଙ୍କ ସମ୍ବର୍ଦ୍ଧନା ଦାୟିତ୍ୱ ଓ ସନ୍ତୋଷ ହୋତା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ନିଖିଳ ପାଢ଼ୀଙ୍କ ଯାଦୁଖେଳ ସମସ୍ତଙ୍କ ମନ ମୋହିଥିଲା । କଣ୍ଠଶିଳ୍ପୀ ସନ୍ଧ୍ୟାରାଣୀ ପଣ୍ଡା, ବିରାଜିନୀ ଶବର ଓ ବିପିନ ମାଝିଙ୍କ ସୁମଧୁର ସଙ୍ଗୀତର ତାଳେ ତାଳେ ଶିକ୍ଷାର୍ଥୀଙ୍କ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା।

# ରୋଜଗାର, ଚାକିରି ଦକ୍ଷତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ମିଟସ୍ ଗ୍ରୁପ୍‌ର ଅଧ୍ୟାପିକା ଓ ଅଧ୍ୟାପକମାନେ ସୂଚନା ଦେଉଛନ୍ତି ।

ରାୟଗଡ଼ା,୨୧।୧୨(ଆଶିଷ ରଞ୍ଜନ ପଣ୍ଡା)

ମିଟସ୍ ଗ୍ରୁପ୍ ପକ୍ଷରୁ ବୁଧବାର ଏକବିଂଶ ଶତାବ୍ଦୀର ରୋଜଗାର ଏବଂ ଚାକିରି ଦକ୍ଷତା ଉପରେ ଏକ ଅଧ୍ୟାପିକା ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟାପକଙ୍କ ଦ୍ୱାରା ଆଧୁନିକ ନିଯୁକ୍ତି ବଜାରର ଚାହିଦା ପୂରଣ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ କୌଶଳ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବେଙ୍ଗାଲୁରୁ ୱାଡୱାନି ଫାଉଣ୍ଡେଶନର ମାଷ୍ଟର ଟ୍ରେନର ସ୍ୱାତୀ ପୁତ୍ରନ୍ ଓ ବିଶାଖାପାଟଣାର ସିଏସି ଏକାଡେମୀର ରାମ ମୋହନ ରାଓ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମିଟସ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଓ ନିର୍ଦ୍ଦେଶକ ଡ. ସି.ଭି.ଗୋପୀନାଥ ଏହି କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଉଭୟ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ବିକାଶ ଉପରେ ଏହାର ସମ୍ଭାବ୍ୟ ପ୍ରଭାବ ବିଷୟରେ ବିଶ୍ୱଜିତ କହିଥିଲେ। କାର୍ଯ୍ୟକ୍ରମରେ ୩୮ଜଣ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ । ନିଯୁକ୍ତିର ଉଦୀୟମାନ ଧାରା, ସଫ୍ଟ ସ୍କିଲର ଗୁରୁତ୍ୱ ଏବଂ ଡିଜିଟାଲ ଯୁଗରେ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ରଣନୀତି ସହିତ ଅଧିବେଶନଗୁଡ଼ିକ ବିଭିନ୍ନ ପ୍ରସଙ୍ଗ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲା । ଆଗାମୀ ଦିନରେ ମିଟସ୍ ଗ୍ରୁପ୍ ଛାତ୍ରୀଛାତ୍ରଙ୍କୁ ଆଧୁନିକ ନିଯୁକ୍ତି ବଜାରର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବାରେ ସର୍ବଦା ଚେଷ୍ଟିତ ବୋଲି ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା କହିଛନ୍ତି ।

# ଜାତୀୟ ରାଜପଥ ଶୋଚନୀୟ, ଧୂଳିରେ ଲୋକେ ଅତିଷ୍ଠ

ରାୟଗଡ଼ା,୨୧।୧୨(ଭାଗ୍ୟଶ୍ରୀ ମିଶ୍ର )



ରାସ୍ତାରେ ଧୂଳି ଉଡୁଥିବାରୁ ରାସ୍ତାରେ ପାଣି ସିଞ୍ଚନ କରୁଛନ୍ତି ।

ରାଜପଥ ବିଭଗର ଖାମ ଖିଆଲି ମନୋଭାବ ଯୋଗୁ ବର୍ଷ ବର୍ଷ ଧରି ରାଜପଥ ମରାମତି କରାଯାଉ ନାହିଁ । ଫଳରେ ରାୟଗଡ଼ା ଜିଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ରାସ୍ତା ମରାମତି ପାଇଁ ଅଭିଯୋଗ ହେଲେ, ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାରେ ଥିବା ଖାଲରେ ଧୂସର ବର୍ଣ୍ଣର ମୋରମ ଢାଳି ଚାଲି ଯାଉଛନ୍ତି। ରାୟଗଡ଼ା ରିଲାଇନ୍ସ ପେଟ୍ରୋଲ ପମ୍ପଠାରୁ ଅମ୍ଳାଭଟ୍ଟା ଛକ ପର୍ଯ୍ୟନ୍ତ ଥିବା ରାସ୍ତାରେ ଗାତରେ ମୋଟର ପଡ଼ିଥିଲେ ମଧ୍ୟ ସେଥିରେ ପାଣି ପକାଯାଉ ନ ଥିବାରୁ ପ୍ରବଳ ଧୂଳି ଉଡ଼ି ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ସ୍ଥାନୀୟ କୋଟପେଟା ଅଞ୍ଚଳର ଜଣେ ବାସିନ୍ଦା ସଞ୍ଜୀବ କୁମାର ପ୍ରଧାନ ନିଜେ ଜାତୀୟ ରାଜପଥରେ ପାଣି ପକାଉଥିବା ଦେଖିବାକୁ ମିଳିଛି। ସଞ୍ଜୀବଙ୍କ କହିବା ଅନୁଯାୟୀ, କୋଟାପେଟା ଗ୍ରାମରେ ରାସ୍ତା କଡରେ ଆମ ଘର। ପ୍ରତିଦିନ ହଜାର ହଜାର ଭାରିଯାନ ଯାତାୟାତ କରିବାରୁ ଧୂଳି ଉଡ଼ି ଘର ଭିତରେ ପଶୁଛି। କୋଟାପେଟାରେ ୫୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବାବେଳେ ରାସ୍ତା କଡ଼ରେ ଗାଁ ଥିବାରୁ ଲୋକେ ଧୂଳିରେ ଅତିଷ୍ଠ ହୋଇଗଲେଣି। ଧୂଳି ଦ୍ୱାରା ପିଲାଙ୍କ ଚର୍ମରୋଗ, ନାକ ପୋଡାଜଳା ସମସ୍ୟା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା କାମ ଚଳିତ ମାସ ଶେଷ ସୁଦ୍ଧା ଆରମ୍ଭ କରା ନ ଗଲେ ଆସନ୍ତା ମାସରେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଗ୍ରାମର ରାମା ରାଓ, ପମର ସୁଲ ରମେଶ, ଲକ୍ଷ୍ମୀନାରାୟଣ, ସତ୍ୟନାରାୟଣ ପ୍ରମୁଖ କହିଛନ୍ତି । ଏନେଇ ଜାତୀୟ ରାଜପଥର ଏସ୍‌ଡିଓ ବିକ୍ରମ ପାଣିଗ୍ରାହୀଙ୍କୁ ଫୋନ କରିଥିଲେ ସୁଦ୍ଧା ସେ ଫୋନ ଉଠାଇ ନାହାନ୍ତି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ବିଜେତା

ଗୁଣୁପୁର, ୨୧।୧୨(ପ୍ରଦୀପ କୁମାର ପାଢ଼ୀ)

**ସ୍ମାର୍ଟଇଣ୍ଡିଆ ହ୍ୟାକଥନ-୨୦୨୩ ଗ୍ରାଣ୍ଡ ଫିନାଲେ ସଫ୍ଟୱେର ଏଡିସନ**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଏବଂ ଏଆଇସିଟିଇ ମିଳିତରେ ଆନୁକୂଲ୍ୟରେ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ-୨୦୨୩ ଗ୍ରାଣ୍ଡ ଫିନାଲେ ସଫ୍ଟୱେର ଏଡିସନ ସାରା ଦେଶରେ ଗତ ୨ ଦିନ ଧରି ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଫୋର୍ସେ ଦଳ ସମସ୍ୟା ଷ୍ଟେଟମେଣ୍ଟ ଆଇ ଡି ନମ୍ବର- ୧୪୧୮ 'ଭୂମି ଚିହ୍ନଟ ପାଇଁ ଗଭୀର ଶିକ୍ଷା' ସମ୍ପର୍କିତ ବିଷୟରେ ଉଚିତ ସମାଧାନ କରି ବିଜେତା ହୋଇ ପୁରସ୍କୃତ ହୋଇଛନ୍ତି । ମହାରାଷ୍ଟ୍ରର କୋଲାପୁରସ୍ଥିତ କିଟ ଅଟୋନୋମସ ଇଞ୍ଜିନିୟରିଂ ମହାବିଦ୍ୟାଳୟ ନୋଡାଲ ସେଣ୍ଟରରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ଏହି ଦଳ ଭାଗ ନେଇ କୃତକାର୍ଯ୍ୟ ହୋଇ ୧ ଲକ୍ଷ ଟଙ୍କାର ଅର୍ଥ ରାଶି ସହ ପ୍ରମାଣପତ୍ର ମୁଖ୍ୟ ଅତିଥି ଅରୁଣ ଭାଟଙ୍କଠାରୁ ଗ୍ରହଣ କରିଛନ୍ତି । ଏହି ଦଳରେ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଛାତ୍ର ସୌମ୍ୟ ରଞ୍ଜନ ପଟେଲ, ସତ୍ୟଜିତ ପାତ୍ର, ମାନସ ରଞ୍ଜନ ସେଠି, ବିଧାନ ରଞ୍ଜନ ଭୋଇ, ଓଁ ଆତ୍ମନ ବେହେରା ଏବଂ ଛାତ୍ରୀ କୃଷ୍ଣା ଏସ୍ ବରାଳ ପ୍ରମୁଖ ସମସ୍ୟାର ସମାଧାନ ଦିଗରେ ନିଜର ପାରଦର୍ଶିତା ପ୍ରତିପାଦନ କରି ଏହି ପ୍ରତିଯୋଗିତାରେ ସଫଳ ହୋଇପାରିଛନ୍ତି । ମେଣ୍ଟର ଭାବେ ବିଭାଗର ପ୍ରଫେସର ଡ. ଶିବ ପ୍ରସାଦ ପାତ୍ରଙ୍କ ମାର୍ଗଦର୍ଶନରେ ପିଲା କୃତକାର୍ଯ୍ୟ ହୋଇଛନ୍ତି । ବିଶ୍ୱବିଦ୍ୟାଳୟର ସଭାପତି ଡ ସତ୍ୟ ପ୍ରକାଶ ପଣ୍ଡା, ଉପ ସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା, କୁଳପତି ପ୍ରଫେସର ଏଭିଏନଏଲ ଶର୍ମା, ରେଜିଷ୍ଟ୍ରାର ଡ ଏନଭି ଜଗନ୍ନାଥ ରାଓ, କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ ସଞ୍ଜୟ କୁମାର କୁଁଅର ପ୍ରମୁଖ ବିଜୟୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜିଆଇଇଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ପୁରସ୍କୃତ ହେଉଛନ୍ତି।

# ଜିଲାପାଳଙ୍କୁ ସମସ୍ୟା ଜଣାଇଲେ କ୍ରୀଡ଼ାବିତ୍

ରାୟଗଡା,୨୧।୧୨(ଭାଗ୍ୟଶ୍ରୀ ମିଶ୍ର )



ଜିଲା ଜରୁରିକାଳୀନ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି କ୍ରୀଡ଼ାବିତ୍।

**ଚଇତି କ୍ରୀଡ଼ାରେ ଭାରୋତ୍ତୋଳନ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବାଦ୍‌କୁ ନେଇ ଅସନ୍ତୋଷ**

ଚଇତି କ୍ରୀଡ଼ା ମହୋତ୍ସବରେ ଭାର ଉତ୍ତୋଳନ, ଶକ୍ତି ଉତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାକୁ ସାମିଲ କରାଯାଇ ନ ଥିବାରୁ କ୍ରୀଡ଼ାବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଜିଲାର କ୍ରୀଡ଼ାବିତ୍‌ମାନେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କ୍ରୀଡ଼ାବିତ୍‌ଙ୍କ ଅଭିଯୋଗ ଅନୁଯାୟୀ, ଭାର ଉତ୍ତୋଳନ, ଶକ୍ତି ଉତ୍ତୋଳନ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଜିଲାର କ୍ରୀଡ଼ାବିତ୍‌ମାନେ ରାଜ୍ୟ ତଥା ଅନ୍ତର୍ଜାତୀୟସ୍ତରରେ ଖେଳ ପ୍ରଦର୍ଶନ କରୁଛନ୍ତି, ହେଲେ ଜିଲା ପ୍ରଶାସନ ଜିଲାର ଖେଳାଳିଙ୍କୁ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି । କ୍ରୀଡ଼ା କମିଟି ଦ୍ୱାରା ଗୁରୁବାର ଧାର୍ଯ୍ୟ କରାଯାଇଥିବାବେଳେ ଦିନକ ପୂର୍ବରୁ ପ୍ରଶାସନ ଏହି ଖେଳକୁ ବାଦ୍‌ଦେଇଥିଲା । ତେଣୁ ପ୍ରଶାସନ ନ୍ୟାୟ ପ୍ରଦାନ କରିବାକୁ କ୍ରୀଡ଼ାବିତ୍‌ମାନେ ଦାବିପତ୍ରରେ ଅନୁରୋଧ କରିଛନ୍ତି । ନ୍ୟାୟ ନ ମିଳିଲେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଗତ ୧୫ ତାରିଖରେ ଆୟୋଜିତ ଚଇତି ବୈଠକରେ ଏହି ସବୁ ପ୍ରତିଯୋଗିତାକୁ ବାଦ୍ ଦିଆଯାଇଥିଲା। କ୍ରୀଡ଼ାବିତ୍‌ମାନେ ଏ ନେଇ ପ୍ରଶ୍ନ କରିବାରୁ ଗତ ୧୬ ତାରିଖରେ ଉପରୋକ୍ତ ଖେଳ ଖେଳିବା ପାଇଁ ଅନୁମତି ଦିଆଯାଇଥିଲା, ହେଲେ ଜାଗା ଚିହ୍ନଟ ପାଇଁ ପ୍ରସ୍ତାବ ଦେବା ସତ୍ତ୍ୱେ କୌଣସି ଆଗ୍ରହ ପ୍ରକାଶ କରି ନ ଥିବା ଅଭିଯୋଗ ହୋଇଛି । ଏହାବ୍ୟତୀତ ଚଇତିରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ଖେଳର ଯାହା ଖର୍ଚ୍ଚ ଚଇତି କମିଟି ବହନ କରୁଥିବାରୁ ଖେଳାଳିମାନେ ନିଜସ୍ୱ ଖର୍ଚ୍ଚରେ ପ୍ରତିଯୋଗିତା କରିବାକୁ ଚଇତି କମିଟିର କ୍ରୀଡ଼ା ଦାୟିତ୍ୱରେ ଥିବା କବିବର ଦେଉରି କହିବା ପରେ କ୍ରୀଡ଼ାବିତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦାବିପତ୍ର ଦେବା ସମୟରେ ସଦାଶିବ ତ୍ରିପାଠୀ,ଏ. ରାଜା, ସୁନୀଲ ନାୟକ, ରାଜକୁମାର ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଚଇତି କ୍ରୀଡା ଦାୟିତ୍ୱରେ ଥିବା ଆର୍‌ଆଇ କବିବର ଦେଉରିଙ୍କୁ ପଚାରିବାରୁ କ୍ରୀଡ଼ାବିତ୍‌ଙ୍କ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

**ସଂକ୍ଷେପରେ**

## ହାଡ଼ଭଙ୍ଗା ଶୀତରେ ଜନଜୀବନ ଅସ୍ତବ୍ୟସ୍ତ

ଚିତ୍ରକୋଣ୍ଡା,୨୧।୧୨(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଚଳିତ ଶୀତ ଋତୁରେ ମାର୍ଗଶିର ଆରମ୍ଭରେ ଶୀତରେ ଥରି ଉଠୁଛି ଚିତ୍ରକୋଣ୍ଡା । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅପରାହ୍ନ ୪ ଟାରୁ ଶୀତ ବୃଦ୍ଧି ପାଇ ପରଦିନ ସକାଳ ୯ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଲାଗି ରହୁଛି ହାଡ଼ ଭଙ୍ଗା ଶୀତ। ବୁଧବାରଠାରୁ ପ୍ରବଳ ଶୀତ କାକର ଲାଗି ରହିଛି। ହାଡ଼ ଭଙ୍ଗା ଶୀତରେ ଘରୁ ବାହାରକୁ ବାହାରିବା କଷ୍ଟ ହୋଇ ପଡୁଛି । ପ୍ରବଳ କୁହୁଡ଼ି ଯୋଗୁ ରାସ୍ତାଘାଟ ଦେଖାଯାଉନି ।

## ଶରତ ଜୀ ଇଂଲିଶ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ମାଲକାନଗିରି,୨୧।୧୨(ନୃସିଂହ ଚରଣ ମହାନ୍ତି)

ଶରତ ଜୀ ଇଂଲିଶ ବିଦ୍ୟାଳୟରେ ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷା ପ୍ରଶାନ୍ତି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ସଭାପତି ଡ. ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ପାଠ ସହିତ ଖେଳରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ସ୍ୱାସ୍ଥ୍ୟର କିଭଳି ଯତ୍ନ ନେଇପାରିବେ ଏବଂ ନିଜକୁ କିପରି ସୁସ୍ଥ ରଖିବେ ସେ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ସୁକୁମାର ମଣ୍ଡଳ, ଅସୀମ ହାଲ୍‌ଦାର, ଦୀପକ ମାଝି, ଏଲିନ ଗୁଡ୍ଡୁ, ଭାଗ୍ୟଲତା କୁଲଦୀପ, ଆଞ୍ଚଲ ବେହେରା, ସୁସ୍ମିତା ପଟ୍ଟନାୟକ ଓ ଶୁଭଶ୍ରୀ ଜେନା ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିବା ସମେତ ବିଚାରକ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ୯୦ ଛାତ୍ରୀଛାତ୍ର ଦୌଡ଼ ପ୍ରତିଯୋଗିତା, ଲମ୍ଫଡିଆଁ, ଉଚ୍ଚଡିଆଁ, ଛୁଞ୍ଚିସୂତା, ଧୀରେ ସାଇକେଲ ଚଲା, ବିସ୍କୁଟ ରେସ୍ ଇତ୍ୟାଦି ଖେଳରେ ଭାଗନେଇଥିଲେ। ଶେଷରେ ସୁକୁମାର ମଣ୍ଡଳ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ବାଲିମେଲା,୨୧।୧୨(ଶିବଦତ୍ତ ସାହୁ)

କୁଡୁମୁଲୁଗୁମ୍ମା ଡାରୱିନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ସମ୍ମିଳିତ ଯୁବ ବିକାଶ ଓ ପୋଲିସ ବିଭାଗର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ମୁଖ୍ୟ ଅତିଥି ଭାବେ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୁମ୍ମା ଫାଣ୍ଡି ଅଧିକାରୀ ଏସ୍‌ଆଇ ଅଜିତ ସିଂ ବରିହା,ଏସ୍‌ଆଇ ନରେନ୍ଦ୍ର ପ୍ରସାଦ ଭଡ୍ରା, ହରପ୍ରିୟା ଶବର, ଏଏସଆଇ କୃଷ୍ଣ ଚନ୍ଦ୍ର ହିଆଲ,ବିଜୟ କୁମାର ବେନ୍ୟା, ସୁରେଶ ଚନ୍ଦ୍ର ବିଶିମାଝି, ରାଜେନ୍ଦ୍ର ପ୍ରସାଦ ଖିଲ,ସଞ୍ଜିତ କୁମାର ଟାକରି, ଅଧ୍ୟାପିକା ମଧୁସ୍ମିତା ବିଶ୍ୱାଳ,ମହାବିଦ୍ୟାଳୟର ନୂଆ -ଓ କାର୍ଯ୍ୟକ୍ରମ ସଂଯୋଜକ ଜନ କୋରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ/ଛାତ୍ର ଧାଡି ବାନ୍ଧି ସଡ଼କ ସୁରକ୍ଷାର ବାର୍ତ୍ତା ବହନ କରୁଥିବା ବ୍ୟାନର ଓ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । କୁଡୁମୁଲୁଗୁମ୍ମା ଫାଣ୍ଡି ନିକଟରେ ଯିବା ଆସିବା କରୁଥିବା ଗାଡି ଚାଳକଙ୍କୁ ସଡ଼କସୁରକ୍ଷା ନିୟମାବଳୀ ବିଷୟରେ ବୁଝେଇବା ସହ ଯେଉଁ ଚାରି ଚକିଆ ଓ ଦୁଇ ଚକିଆ ଗାଡି ଚାଳକ ମାନେ ସିଟ ବେଲ୍ଟ ଓ ହେଲମେଟ ପିନ୍ଧି ଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବାଲିମେଲା,୨୧।୧୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଓ ଗ୍ରାମବାସୀ ଗତ ବୁଧବାର ଓର୍କେଲ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ନଂ. ୪୫୯/୨୩ ରେ ମାମଲା ରୁଜୁ କରି ଏସ୍‌ଆଇ ମନୋହର ସାହୁ ଘଟଣାର ତଦନ୍ତ ଜାରି ରଖିଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ରହୁଥିବା ଜଣେ ୧୬ବର୍ଷୀୟ ନାବାଳିକା ଗତ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ବାପା ମାମୁଙ୍କ ସହ ଏମ୍‌ଭି-୫୦ ଗ୍ରାମକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ତାଙ୍କ ଅଜାଙ୍କ ଘରୁ କୋରୁକୋଣ୍ଡା ବ୍ଲକ କାମବେଡା ପଞ୍ଚାୟତ ଏମ୍‌ଭି-୩୦ଗ୍ରାମର ଦେବାଶିଷ ବିଶ୍ୱାସ(୨୪) ତାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ଚିତ୍ରକୋଣ୍ଡାରେ ମେଗା ଜଳ ଯୋଗାଣ ପ୍ରକଳ୍ପ ବାଟବଣା

ଚିତ୍ରକୋଣ୍ଡା,୨୧।୧୨(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକଠାରୁ ଅଧ କି.ମି.ଦୂରରେ ସ୍ଥାନୀୟ ଚିତ୍ରକୋଣ୍ଡା ସହର ତଥା କଲୋନି,ଦୀର୍ଘ ବର୍ଷ ଧରି ଚିତ୍ରକୋଣ୍ଡାବାସୀ ଜଳ କଷ୍ଟରେ ସମ୍ମୁଖୀନ ହୋଇ ବିଶୁଦ୍ଧ ପାଣି ପାଇବା ପାଇଁ ସରକାର ତଥା ଜିଲା ପ୍ରଶାସନକୁ ଜଣାଇ ଆସୁଥିଲେ ମଧ୍ୟ ଆଜି ସୁଦ୍ଧା ତାହା ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପାଣି ବିଭିନ୍ନ ସମୟରେ ହଇରାଣ ହେଉଥିଲେ ମଧ୍ୟ ଏହାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ବାଲିମେଲା ଡ୍ୟାମ ପ୍ରକଳ୍ପ ମଇଳା ପାଣି ଲୋକଙ୍କ ଭରସା ।

ଦୁଇ ତିନି ଦିନକୁ ଥରେ ସେ ପାଣି ମିଳେ। ପାଣି ଉଠାଇ ଯୋଗାଉଥିବା ମଟରଟି ବର୍ଷକରେ ଅଧାଦିନ ଖରାପ । ବର୍ଷ ତମାମ ଦେଖାଦେଉଛି ଜଳ ସଙ୍କଟ। ଜଳକଷ୍ଟରୁ କିପରି ତ୍ରାହିପାଇବେ ସେ ନେଇ ଚିନ୍ତାରେ ଅଛନ୍ତି ଚିତ୍ରକୋଣ୍ଡା ଗ୍ରାମବାସୀ । ଚିତ୍ରକୋଣ୍ଡାରେ ଜଳ ସଙ୍କଟରୁ ମୁକ୍ତି ପାଇଁ ସରକାର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମାଧ୍ୟମରେ ୩ କୋଟି ୧୭ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ୨୦୧୮ରେ ଦୁର୍ଗାମନ୍ଦିର ଘାଟ ନିକଟରେ ଆରମ୍ଭ କରିଥିଲେ। ଏହାର କାର୍ଯ୍ୟ ଶେଷ ଆର୍ଥିକ ବର୍ଷ ୨୦୧୯ ଥିଲା। ବର୍ତ୍ତମାନ କାର୍ଯ୍ୟ ଏ ଯାଏ ସରିବାର ନାଁ ଧରୁନାହିଁ। ଏବେବି ଜଳ ଯୋଗାଣ ଦୂରର କଥା ଅଧା ଘରକୁ ପାଇପ୍ ଲାଇନ୍ ଦିଆଯାଇଥିବା ବେଳେ ଅଧା ଘରକୁ ଦିଆଯାଇନାହିଁ। ପ୍ରକଳ୍ପଟି ଟେଣ୍ଡର ହେବାର ଦେଢ଼ ବର୍ଷ ଭିତରେ ସରିବା କଥା, କିନ୍ତୁ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ କାମ ଶେଷ ହେଉନି।

ଆର୍‌ଡବ୍ଲ୍ୟୁଏସଏସ୍ ମାଧ୍ୟମରେ ଆଗରୁ ମଧ୍ୟ ନୀଳକଣ୍ଠେଶ୍ୱର ମନ୍ଦିର ପାଖରେ ଏକ ପାଣି ପ୍ରକଳ୍ପ କରାଯାଇଥିଲା, ମାତ୍ର ତାହା ମଧ୍ୟ ଆଜି ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ। ଜିଲା ପ୍ରଶାସନ ଚିତ୍ରକୋଣ୍ଡାର ୧୦ ହଜାର ଜନସାଧାରଣଙ୍କ ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ପାଣି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇ ଜଳ ଯୋଗାଇ ଦେବାକୁ ଦାବି ହେଉଛି । ଉକ୍ତ ପାଣି ସମସ୍ୟା ସମାଧାନ ପାଇଁ ମାଲକାନଗିରି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ୧୫ ଭିତରେ ଉକ୍ତ କାର୍ଯ୍ୟର ନୂଆ ଟେଣ୍ଡର କରାଯାଇ ଅବଶିଷ୍ଟ କାମକରି ଖୁବ୍ ଶୀଘ୍ର ଚିତ୍ରକୋଣ୍ଡା ବାସୀଙ୍କୁ ପାଣି ଯୋଗାଇଦେବୁ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ସମସ୍ୟା ସମାଧାନ ନିମନ୍ତେ ପଚାରିବାରୁ ତୁରନ୍ତ ପଦକ୍ଷେପ ନିଆଯାଇ ଶୀଘ୍ର ପାଣି ପ୍ରକଳ୍ପ କାମ ସାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।



ପାଣି ପାଇଁ ପିଲାମାନେ ଧାଡି ଲଗାଇଛନ୍ତି ।

# ଧାନମଣ୍ଡି ଉଦ୍‌ଘାଟିତ



ମଣ୍ଡିକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ମାଥିଲି,୨୧।୧୨(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଭେଜାଗୁଡ଼ା ପଞ୍ଚାୟତ ନିକଟରେ ଥିବା ଧାନମଣ୍ଡି ପଡ଼ିଆରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମାଥିଲି ଲ୍ୟାମ୍ପସ୍ ସଭାପତି ମୁନିବତୀ ବୁଡ଼ବାଡେ ସଭାପତିତ୍ୱ କରିଥିବା ବେଳେ ଭେଜାଗୁଡ଼ା ସରପଞ୍ଚ ଭୀମସେନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଉପସଭାପତି ଡମ୍ବୁନି ପୂଜାରୀ, ପାଙ୍ଗମ ସରପଞ୍ଚ ଇନ୍ଦ୍ର ନାୟକ ଲ୍ୟାମ୍ପସ ଡାଇରେକ୍ଟର ଜୀବନ ସାହୁ ଏବଂ ଲ୍ୟାମ୍ପସ୍ କର୍ମଚାରୀ ଓ ଆର୍‌ଏମ୍‌ସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକକୁ ଲ୍ୟାମ୍ପସ୍ ପରିଚାଳିକା ସନ୍ତୋଷିନୀ ପରିଡ଼ା ପରିଚାଳନା କରିଥିଲେ। ପ୍ରଥମେ ଉକ୍ତ ପଞ୍ଚାୟତର ବରିଷ୍ଠ ନାଗରିକ ଏମ୍‌ସି ମେମ୍ବର ମଙ୍ଗଳା ଦୁରା ଏମ୍‌ସି ମେମ୍ବର ରାମମୋହନ ପଟ୍ଟନାୟକ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ଅତିଥି ନାୟକ କହିଥିଲେ, ସରକାରଙ୍କ ଦ୍ୱାରା ଲାଗୁ କରା ଯାଇଥିବା ଧାନ ସଂଗ୍ରହ ନୀତିକୁ ପ୍ରାଥମିକତା ଦେବା ସହିତ ଚାଷୀମାନଙ୍କୁ ଯେମିତି ବିନା କଟ୍‌ନି ଛଟ୍‌ନିରେ ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ । ଲ୍ୟାମ୍ପସ୍ ପରିଚାଳକ ମଧ୍ୟ ଅନୁରୂପ କହିଥିଲେ, ଚାଷୀମାନେ ସେମାନଙ୍କ ଧାନକୁ ଅପରାହ୍ନ ୨ଟା ସୁଦ୍ଧା ମଣ୍ଡିକୁ ଆଣିବା ସହ ଧାନର ଗୁଣବତ୍ତା ପରୀକ୍ଷା କରାଇନେବା ପାଇଁ ଅନୁରୋଧ କରିଥିଲେ। ସଭାପତି ବୁଡ଼ବାଡେ ଚାଷୀମାନଙ୍କ ଖାଲି ବସ୍ତା ବାବଦକୁ ପାଇବାକୁ ଥିବା ଟଙ୍କା ତୁରନ୍ତ ପୈଠ ପାଇଁ ମିଲର୍ସମାନଙ୍କୁ କହିଥିଲେ। ବ୍ୟବସ୍ଥିତ ପ୍ରକାରରେ ଧାନ ମଣ୍ଡି ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଲ୍ୟାମ୍ପସ୍ କର୍ମଚାରୀ ପ୍ରଶାନ୍ତ ନାୟକ, ଅନନ୍ତରାମ ବିଷୋଇ, ସାବିତ୍ରୀ ସଗରିଆ, ସତ୍ୟ ପଣ୍ଡା ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖଙ୍କ ସହଯୋଗରେ ବୈଠକ ସଫଳ ହୋଇଥିଲା।

# ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ଉଦ୍‌ଯାପିତ

ମାଲକାନଗିରି,୨୧।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍‌ଭି ୭ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଭାସିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶୁଭାରମ୍ଭ ହୋଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ତମସା ପଞ୍ଚାୟତ ସରପଞ୍ଚ ଗୀତା ପଡିଆମି, ସହକାରୀ ଯନ୍ତ୍ରୀ ରୋମାଞ୍ଚ କିସାନ, ବିଏସ୍‌ଏସ୍ ଓ ମାଲକାନଗିରି ବ୍ଲକ ପିଇଓ କିଶୋର କୁମାର ମହାରଣା ଓ ସମସ୍ତ କ୍ରୀଡା ଶିକ୍ଷକ ଉପପସ୍ଥିତ ଥିଲେ। ପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ କ୍ରିକେଟ୍, ଫୁଟବଲ, ଭଲି, କବାଡି, ଖୋଖୋ ଓ ହକି ପ୍ରତିଯୋଗିତା କରାଯାଇଥିଲା। ଶେଷରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଜଗନ୍ନାଥ ପାଲ୍ଲୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏ.ଈଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ମାଲକାନଗିରି ମହିଳା ମହାବିଦ୍ୟାଳୟରେ ମଧ୍ୟ ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦୁଷନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ବାବେ ପୂର୍ବତନ ବିଧାୟକ ମାନସ ମାଡକାମି, ବିଦ୍ୟାଳୟ ପ୍ରତିଷ୍ଠାତା ଦୁର୍ଗା ପ୍ରସାଦ ତ୍ରିପାଠୀ, ଜିଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୧୦ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

## ପୋଲ ତଳୁ ମୃତଦେହ ଜବତ

ଉମରକୋଟ,୨୧।୧୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ଅଞ୍ଚଳରେ ଥିବା ଏକ ପୋଲ ତଳୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ ପୌର ପରିଷଦ ୩ନଂ ୱାର୍ଡର କେ ଗୋବିନ୍ଦା ନାଇଡୁ (୪୫)। ଗୋବିନ୍ଦା ଗତ୩ ଦିନ ହେବ ଘରୁ କେଉଁଆଡେ ଚାଲି ଯାଇଥିଲେ। ଗୁରୁବାର କୋଣ୍ଡାଗାଁ ଯିବା ରାସ୍ତାର ଗୋଡିଗୁଡା ଥିବା ପୋଲ ତଳେ କିଛି ଲୋକ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲା। ଏ ନେଇ ଗୋବିନ୍ଦାଙ୍କ ବଡ଼ଭାଇ ପେଣ୍ଡରା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ମାଲକାନଗିରି,୨୧।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଞ୍ଚ ବିଂଶତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଯୋଗ ଦେଇଥିବା ବେଳେ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା,ବିଶିଷ୍ଟ ଅତିଥି ଭାବେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଭାଜପା ଜିଲା ସଭାପତି ନିମାଇଁ ପାଲ, ସିଆରସିସି ବିନୋଦ ବିହାରୀ ଦାଶ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପରିଚାଳନା କମିଟି ସମ୍ପାଦକ ରମେଶ ଚନ୍ଦ୍ର ରାଉତ ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ବାର୍ଷିକ ବାବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡିକ କିଭଳି ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡିକଠାରୁ ଭିନ୍ନ ଓ ସ୍ୱତନ୍ତ୍ର ସେ ବିଷୟରେ ନିଜ ଅନୁଭୂତି ଉପସ୍ଥାପନ କରିବା ସହ ଛାତ୍ରୀଛାତ୍ରମାନେ ସାହସ, ଧୈର୍ଯ୍ୟ ଓ ଆନ୍ତରିକତାର ସହ ପାଠପଢାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ବିଭିନ୍ନ କ୍ରୀଡାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ପରେ ବିଦ୍ୟାଳୟରେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ପରିବେପେଷଣ ହୋଇଥିଲା।



କ୍ରୀଡା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଡାବୁଗାଁ, ୨୧।୧୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ଯୋଗଦେଇ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା, ବାଇକ ଚଳାଇବା ବେଳେ ହେଲମେଟ ପିନ୍ଧିବା ନିତ୍ୟାନ୍ତ ଜରୁରୀ। ସେଥିପାଇଁ ଯୁବପିଢ଼ି ଲୋକଙ୍କୁ ସଚେତନତା କରିବା ଆବଶ୍ୟକ ରହିଥିବା କହିଥିଲେ । ପରେ ଛାତ୍ରୀଛାତ୍ର ସତ୍ତେନ ବାର୍ତ୍ତା ଥିବା ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଡାବୁଗାଁ ସହର ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଚନ୍ଦନା ପଣ୍ଡା, ଅର୍ଥନୀତି ବିଭାଗୀୟ ମୁଖ୍ୟ ଉର୍ମିଳା ବ୍ରହ୍ମା, ଇଂଲିଶ ବିଭାଗୀୟ ମୁଖ୍ୟ ମହେନ୍ଦ୍ର ଦେବରପଲ୍ଲୀ, ଅଧ୍ୟାପିକା ମନିସା ସରକାର, ଜ୍ୟୋସ୍ନା ମାଝୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ପରିଚାଳନା କରିଥିଲେ।



ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ସହର ପରିକ୍ରମା କରୁଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଝରିଗାଁ ,୨୧।୧୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ଏବଂ ବିଡିଓ ସତ୍ୟନାରାୟଣ ମେହେର ଉକ୍ତ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୨୩ ପଞ୍ଚାୟତର ସମସ୍ତ ସରପଞ୍ଚ, ପିଇଓ, ଜିଆରଏସ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀମାନେ ଶିବିରକୁ ଆସୁଥିବା ହିତାଧିକାରୀଙ୍କୁ ସହଯୋଗ କରୁଥିବା ଦେଖାଯାଇଥିଲା। ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର, ଶ୍ରବଣ ବାଧିତ, ଦୃଷ୍ଟି ବାଧିତ ହିତାଧିକାରୀଙ୍କ ନିମନ୍ତେ ଜିଲା ମୁଖ୍ୟାଳୟ ଚିକିତ୍ସାଳୟରୁ ଆସିଥିବା ଡାକ୍ତର ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ପରୀକ୍ଷଣ କରିଥିଲେ। ଏଥିରେ ସମୁଦାୟ ୬୭୧ଜଣ ହିତାଧିକାରୀ ପଞ୍ଜିକୃତ କରିଥିବା ବେଳେ ୩୨୦ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଭିନ୍ନକ୍ଷମଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ଉକ୍ତ ଶିବିର ଆୟୋଜନ ହୋଇଥିବା ଏବଂ ଝରିଗାଁ ବ୍ଲକ ପ୍ରଶାସନ ସର୍ବଦା ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟ କରିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ସ୍ୱରବ କେତନ ବେହେରା କହିଛନ୍ତି। ଉକ୍ତ ଶିବିରକୁ ଟିଟୁ ବେହେରାଙ୍କ ସହ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ମୋଟୁରୁ ପୁରୀ ସାଇକେଲ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ଲମ୍ବୋଦର ଦୁରୁକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମାଲକାନଗିରି,୨୧।୧୨(ଦୁର୍ଯ୍ୟୋଧନ ପାତ୍ର)

**ପୋଲାଭରମକୁ ବିରୋଧ**

ମାଲକାନଗିରି ଜିଲା ସୀମାନ୍ତ ମୋଟୁ ସାବେରୀ ନଦୀରୁ ଜଳନେଇ ପୁରୀ ଅଭିମୁଖେ ଯାତ୍ରା କରୁଥିବା ସମାଜିକକର୍ମୀ ତଥା ଆଇନଜୀବି ଲମ୍ବୋଦର ଦୁରୁକ ଗୁରୁବାର ମାଲକାନଗିରିରେ ପହଞ୍ଚିଲା ପରେ ଜିଲାର ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପୋଲାଭରମ୍ ପ୍ରକଳ୍ପକୁ ବିରୋଧ କରି ସାବେରୀ ନଦୀରୁ ସଂଗ୍ରହ କରିଥିବା ଜଳକୁ ପୁରୀ ମହୋଦଧୀରେ ସିଞ୍ଚନ କରିବେ। ସେଠାରେ ଜଗନ୍ନାଥଙ୍କ ନିକଟରେ ପୋଲାଭରମ ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାକୁ କ୍ଷତି ଦାଉରୁ ରକ୍ଷା କରିବା ପାଇଁ ପ୍ରାର୍ଥନା କରିବେ ବୋଲି ଦୁରୁକ ପ୍ରକାଶ କରିଛନ୍ତି ।

# ବିଦ୍ୟାଳୟରେ ବୋର୍‌ୱେଲ ଅଚଳ, ଛାତ୍ରୀଛାତ୍ର ହଇରାଣ

ଚିତ୍ରକୋଣ୍ଡା,୨୧।୧୨(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ନୂଆଗୁଡ଼ା ପଞ୍ଚାୟତ ଆର୍‌ଏସ୍‌ସି-୧୯ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ବୋର୍‌ୱେଲଟି ଦୀର୍ଘ ଦିନ ହେବ ଅଚଳ ହୋଇ ମାଟିରେ ପୋତିହୋଇଯାଇଥିବାରୁ ସେଥିରୁ ପାଣି ବାହାରୁ ନାହିଁ । ଫଳରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମାଧ୍ୟାହ୍ନଭୋଜନ ସାରି ହାତ ଧୋଇବା ଏବଂ ଖାଇ ସାରିବା ପରେ ଥାଳି ଧୋଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ନୂଆଗୁଡ଼ା ସମିତିସଭ୍ୟ ଘାସି ସୁନା ଆର୍‌ଏସ୍‌ସି-୧୯ ଗ୍ରାମକୁ ଯାଇଥିବା ବେଳେ ବିଦ୍ୟାଳୟ ପାଣି ସମସ୍ୟା ନେଇ ଅଭିଭାବକମାନେ ତାଙ୍କୁ ବିଦ୍ୟାଳୟକୁ ନେଇ ଦେଖାଇଥିଲେ। ଜିଲା ଓ ବ୍ଲକ ପ୍ରଶାସନ ଏହି ବିଦ୍ୟାଳୟର ପାନୀୟ ଜଳ ସମସ୍ୟା ଦୂରକରି ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଗ୍ରାମବାସୀ, ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

# ଶିଖପାଲୀକୁ ହରାଇ ସେରପାଲି ବିଜୟୀ

**କ୍ରିକେଟ ଟୁର୍ନାମେଣ୍ଟ**

ମାଲକାନଗିରି,୨୧।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଉଡୁପା ସଦର ପଞ୍ଚାୟତ ଖେଳ ପଡିଆରେ ଉଡୁପା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ବୁରୁଦା, ଗ୍ରାମ ମୁଖିଆ ରବୀନ୍ଦ୍ର ନାୟକ, ବଳରାମ ପଡିଆମି ଓ ଦେବେନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ ଦଳ ଭାଗ ନେଇଥିବା ବେଳେ ପ୍ରଥମ ଦିନରେ ଶିଖପାଲି ଓ ସେରପାଲୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଖପାଲିକୁ ହରାଇ ସେରପାଲୀ ବିଜୟୀ ହୋଇଥିଲା।



ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ୨ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଚିତ୍ରକୋଣ୍ଡା ୨୧।୧୨(କ୍ଷୀରୋଦ ପରିଡ଼ା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସ୍ଥାନୀୟ ଡିଏଭି ଗୁରୁକୁଳରେ ସୋମବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଗୁରୁକୁଳର ସଭାପତି ବିଭୂତି ଭୂଷଣ ଖୁରା, ଅନ୍ୟତମ ଅତିଥିଭାବେ ଉପସଭାପତି ରଚନା ପୁରୋହିତ, ସମ୍ପାଦକ ରାକେଶ ମହାରଣା, ସହ ସମ୍ପାଦିକା ସବିତା ମାଡ଼କାମି ଓ କୋଷାଧ୍ୟକ୍ଷ ବ୍ରଜବନ୍ଧୁ ନାୟକ ଓ ଗୁରୁକୁଳ ଅଧ୍ୟକ୍ଷା ସରସ୍ୱତୀ ଖରା ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ଖେଳ ପଡ଼ିଆରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଯଥା ଶହେ ମିଟର ଦୌଡ଼, ଅଖାଦୌଡ଼, ଶଟ୍‌ପୁଟ ଥ୍ରୋ, ଚାମଚ ବାଟି, ବେଙ୍ଗଡିଆଁ, ବାଟି ଚାମଚ ଦୌଡ଼ ଓ ସ୍କିପିଂ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଡିଏଭି ଗୁରୁକୁଳର ପୁନମ ବାଘ, ସରସ୍ୱତୀ ପ୍ରଧାନ, ସୁମିତ୍ରା ନାୟକ, ସୁତାପା ସ୍ୱାଇଁ ପରିଚାଳନା କରିଥିଲେ ।

# ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବାକୁ ଗୁରୁତ୍ୱ

**ତହସିଲସ୍ତରୀୟ ମୋ ଜଙ୍ଗଲ ଜମି ଯୋଜନା ତାଲିମ ଶିବିର**

ଝରିଗାଁ,୨୧।୧୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତିସ୍ଥିତ ସଭାଗୃହଠାରେ ଝରିଗାଁ ଏବଂ ଚନ୍ଦାହାଣ୍ଡି ତହସିଲକୁ ନେଇ ଦିନିକିଆ ମୋ ଜଙ୍ଗଲ ଜମି ଯୋଜନା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଆଇଟିଡିଏ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝରିଗାଁ ତହସିଲଦାର ଶଙ୍କର ପଟ୍ଟନାୟକ, ରେଞ୍ଜର ଗୋବିନ୍ଦ ନାୟକ, ଡବ୍ଲୁଇଓ ନିହାର ରଞ୍ଜନ ବେହେରା, ଏଫଆର୍‌ଏ ସଂଯୋଜକ ମତ୍ୟୁଞ୍ଜୟ ନାୟକ, ଆରସିଡିସି ପ୍ରକଳ୍ପ ସଂଯୋଜକ ଦୁଷ୍ମନ୍ତ ଓଝା, ପ୍ରୋଗ୍ରାମ ଅଫିସର ଶିବଶଙ୍କର ଦୋରା, ଏଫଇଏସର କ୍ଷେତ୍ର ପରିଚାଳକ ବିଜୟ ଟପୋ ପ୍ରମୁଖ ଉପସ୍ଥିତ ଥିଲେ । ଜଙ୍ଗଲ ଜମି ଉପରେ ସମସ୍ତ ଯୋଗ୍ୟ ବ୍ୟକ୍ତିଗତ ଓ ଗୋଷ୍ଠିଗତ ଅଧିକାରକୁ ସୁନିଶ୍ଚିତ କରିବା ଏହି ଯୋଜନାର ଲକ୍ଷ୍ୟ । ଏହାସହିତ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଏହି ଯୋଜନା ସହିତ ଯୋଡି ଜନଜାତିଙ୍କ ଜୀବିକାରେ ସ୍ଥାୟିତ୍ୱ ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସର୍ଭେ ହୋଇ ନ ଥିବା ଜଙ୍ଗଲ ଗାଁଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ। କେହି ଜଣେ ବି ଯୋଗ୍ୟ ବ୍ୟକ୍ତି ଯେପରି ବଞ୍ଚିତ ନ ହେବ, ତାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱ ଦେଇଥିବା ନେଇ ଉପସ୍ଥିତ ଅଧିକାରୀ ସୂଚନା ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ଓ ଜନଜାତିଙ୍କ ଅର୍ଥନୀତି ଓ ଜୀବିକାରେ ସ୍ଥାୟିତ୍ୱ ଆଣିବାରେ ମଧ୍ୟ ଏହା ସହାୟକ ହେବ ବୋଲି ସେ କହିଥିଲେ । ଏହି ଅବସରରେ ୭୨ଜଣ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।




ମୋ ଜଙ୍ଗଲ ଜମି ଯୋଜନା ତାଲିମ ଶିବିରରେ ଉପସ୍ଥିତ ତାଲିମଦାତା।

